# ଅଷ୍ଟମ ପରିଚ୍ଛେଦ
# ବିବିଧ ବୃତ୍ତି

ପୂର୍ବ ବର୍ଣ୍ଣିତ କୃଷି ଓ ଜଳସେଚନ, ଶିଳ୍ପ ଏବଂ ବ୍ୟାଙ୍କ କାରବାର, ବ୍ୟବସାୟ ଓ ବାଣିଜ୍ୟ ଅଧ୍ୟାୟଗୁଡ଼ିକରେ ମୁଖ୍ୟ ଅର୍ଥନୈତିକ ବ୍ୟବସ୍ଥାର ବିସ୍ତୃତ ବର୍ଣ୍ଣନା କରାଯାଇଛି । କିନ୍ତୁ ସେହି ଅଧ୍ୟାୟଗୁଡ଼ିକରେ ଜନସାଧାରଣଙ୍କର ଅର୍ଥନୈତିକ ରୂପରେଖ ସଂପୂର୍ଣ୍ଣଭାବେ ପ୍ରତିଫଳିତ କରାଯାଇନାହିଁ । ଏହି ଜିଲ୍ଲାର ଅଧିବାସୀମାନେ ନିଜ ନିଜର ମୌଳିକ ବୃତ୍ତିସହିତ ବିଭିନ୍ନ ପ୍ରକାର ବୃତ୍ତି ଯଥା-ସାଧାରଣ ପ୍ରଶାସନ, ଶିକ୍ଷା ବୃତ୍ତି, ଆଇନ ବ୍ୟବସାୟ, ଚିକିତ୍ସା ଓ ବ୍ୟକ୍ତିଗତ ସେବାଆଦି ଅବଲମ୍ବନ କରିଥାଆନ୍ତି । ପ୍ରଶାସନ ବା ଶିକ୍ଷା ବୃତ୍ତିରେ ନିଯୁକ୍ତ ବୁଦ୍ଧିଜୀବୀମାନେ ସଂଖ୍ୟାରେ ଅଳ୍ପ ହେଲେ ମଧ୍ୟ ଜିଲ୍ଲାରେ ସେମାନଙ୍କର ଯଥେଷ୍ଟ ପ୍ରଭାବ ରହିଛି । ଘରୋଇ ଓ ବ୍ୟକ୍ତିଗତ ସେବା କାର୍ଯ୍ୟରେ ନିୟୋଜିତ ଭଣ୍ଡାରି, ଧୋବା, ଦରଜୀ, ଗାଡ଼ି ଚାଳକ ଇତ୍ୟାଦି ବ୍ୟକ୍ତିମାନଙ୍କର ସେବା ସମାଜ ପାଇଁ ଅତି ଆବଶ୍ୟକ ।

## ସାଧାରଣ ପ୍ରଶାସନ

ଉଭୟ ଶିକ୍ଷିତ ଓ ଅଶିକ୍ଷିତ ଲୋକମାନେ ସାଧାରଣ ପ୍ରଶାସନ ବିଭାଗରେ ଚାକିରି ପାଇଁ ଇଚ୍ଛା କରିଥାଆନ୍ତି । କାରଣ ଏଥିରେ ନିରାପତ୍ତା ଏବଂ ଅନ୍ୟାନ୍ୟ ସୁବିଧା ରହିଅଛି । ୧୯୯୧ର ଏକ ପରିସଂଖ୍ୟାନରୁ ସାଧାରଣ ପ୍ରଶାସନର ବିଭିନ୍ନ ବିଭାଗରେ ନିଯୁକ୍ତି ପରିସ୍ଥିତି ଜଣାପଡେ । ୧୯୮୯ରେ ଜିଲ୍ଲାରେ କେନ୍ଦ୍ର ସରକାର, ରାଜ୍ୟ ସରକାର, ଅର୍ଦ୍ଧ-ସରକାରୀ ଏବଂ ସ୍ୱାୟତ୍ତ ଶାସନ ସଂସ୍ଥା ଅଧୀନରେ କାର୍ଯ୍ୟକରୁଥିବା ବ୍ୟକ୍ତିମାନଙ୍କର ସଂଖ୍ୟା ନିମ୍ନ ସାରଣୀରେ ଦିଆଗଲା :

ସାଧାରଣ ସେକ୍ଟରର କର୍ମଚାରୀବୃନ୍ଦ

| କେନ୍ଦ୍ର ସରକାର | ରାଜ୍ୟ ସରକାର | ଅର୍ଦ୍ଧ-ସରକାରୀ କେନ୍ଦ୍ର | ଅର୍ଦ୍ଧ-ସରକାରୀ ରାଜ୍ୟ | ସ୍ୱାୟତ୍ତ ନିକାୟ | ମୋଟ |
|---|---|---|---|---|---|
| (୧) | (୨) | (୩) | (୪) | (୫) | (୬) |
| ୪,୬୪୮ | ୧୯,୫୦୬ | ୧,୨୯୧ | ୧,୨୯୧ | ୬୫୩ | ୨୭,୩୮୯ |

## ସରକାରୀ କର୍ମଚାରୀଙ୍କୁ ଯୋଗାଇ ଦିଆଯାଇଥିବା ସୁବିଧା ସୁଯୋଗ

ମହଙ୍ଗା ଭତ୍ତା ବ୍ୟତୀତ ରାଜ୍ୟ ସରକାରୀ କର୍ମଚାରୀମାନଙ୍କୁ ଉତ୍ସବକାଳୀନ ଅଗ୍ରିମ, ଗୃହନିର୍ମାଣ ଅଗ୍ରିମ ଇତ୍ୟାଦି ଋଣ ଯୋଗାଇ ଦିଆଯାଇଥାଏ । ସରକାରୀ କର୍ମଚାରୀମାନଙ୍କୁ ବାସଗୃହ କିମ୍ବା ଘରଭଡା ଭତ୍ତା ଯୋଗାଇ ଦିଆଯାଇଥାଏ । ଗାଡି କିଣିବା ପାଇଁ ଅଗ୍ରିମ ଦିଆଯାଇଥାଏ । ଏହା ଛଡା ଗସ୍ତ ଖର୍ଚ୍ଚ, ସରକାରୀ କର୍ମଚାରୀ ଏବଂ ତାଙ୍କ ପରିବାରବର୍ଗଙ୍କର ଔଷଧ ଖର୍ଚ୍ଚ ମଧ୍ୟ ଯୋଗାଇ ଦିଆଯାଇଥାଏ । ୧୯୭୬ରୁ ସରକାରୀ କର୍ମଚାରୀମାନଙ୍କ ପାଇଁ ଗୋଷ୍ଠୀ ବୀମା ଯୋଜନା ପ୍ରଚଳିତ ହୋଇଆସୁଅଛି । ଫଳରେ ଚାକିରିରେ ଥାଇ କୌଣସି ବ୍ୟକ୍ତି ପ୍ରାଣତ୍ୟାଗ କଲେ ସେହି ମୃତ ବ୍ୟକ୍ତିଙ୍କ ପରିବାରକୁ ଯୋଜନାନୁସାରେ ଟଙ୍କା ମିଳିଥାଏ । କେନ୍ଦ୍ର ସରକାର କିମ୍ବା ଅନ୍ୟାନ୍ୟ ନିଗମ ଯଥା-ଜୀବନ ବୀମା ନିଗମ, ଖାଦ୍ୟ ନିଗମ ଇତ୍ୟାଦିରେ କର୍ମଚାରୀମାନଙ୍କ ପାଇଁ ନିଜ ନିଜର ଆର୍ଥିକ ଯୋଜନାମାନ ରହିଅଛି । ସେହି ଅନୁସାରେ କର୍ମଚାରୀମାନେ ଛୁଟି, ଔଷଧ ଖର୍ଚ୍ଚ, ଭବିଷ୍ୟନିଧି ପାଣ୍ଠି, ଗ୍ରାଚ୍ୟୁଇଟି ପ୍ରଭୃତି ସୁବିଧା ପାଇଥାଆନ୍ତି ।

## କର୍ମଚାରୀମାନଙ୍କର ସଂଘ

ପଞ୍ଚବାର୍ଷିକ ଯୋଜନା କାର୍ଯ୍ୟକାରୀ ହେବା ଫଳରେ କେନ୍ଦ୍ର ସରକାର, ରାଜ୍ୟ ସରକାର ଓ ସ୍ୱାୟତ୍ତ ଶାସନ ଅନୁଷ୍ଠାନ ଗୁଡ଼ିକରେ ସର୍ବସାଧାରଣ ସେବାର ବିସ୍ତାର ଲାଭ ଘଟିଛି । ଏହି ସଂସ୍ଥାର କର୍ମଚାରୀମାନେ ନିଜ ନିଜର ଅସୁବିଧା ଦୂରକରିବା ଉଦ୍ଦେଶ୍ୟରେ ସଂଘମାନ ଗଠନ କରିଅଛନ୍ତି । ରାଜ୍ୟ ସରକାରୀ କର୍ମଚାରୀମାନେ ଅନେକ ଗୁଡ଼ିଏ ସଂଘ ଗଠନ କରିଛନ୍ତି । ସେଥିମଧ୍ୟରୁ ଓଡ଼ିଶା ଅଣଗେଜେଟେଡ କର୍ମଚାରୀ ସମନ୍ୱୟ ସମିତି ପ୍ରଧାନ ଅଟେ । ସ୍ୱାୟତ୍ତ ଶାସନ ଅନୁଷ୍ଠାନ ଗୁଡ଼ିକ ଜିଲ୍ଲାସ୍ତରରେ ଅନୁରୂପ ସଂଘମାନ ଗଠନ କରିଅଛନ୍ତି ।

Digitized by: Odishaarchives.gov.in for Gopabandhu Academy of Administration, Odisha

**ବିଦ୍ୟାଭିତ୍ତିକ ବୃତ୍ତି**

ଶିକ୍ଷକ, ଓକିଲ, ଡାକ୍ତର ଇତ୍ୟାଦି ଏହାର ଅନ୍ତର୍ଭୁକ୍ତ । ଜିଲ୍ଲାର ସାଂସ୍କୃତିକ ଓ ସାମାଜିକ ଉନ୍ନତି ପାଇଁ ଶିକ୍ଷକମାନଙ୍କ ଯଥେଷ୍ଟ ଅବଦାନ ରହିଛି । ସେମାନେ ବିଭିନ୍ନ ଶିକ୍ଷାନୁଷ୍ଠାନରେ କାର୍ଯ୍ୟକରିଥାଆନ୍ତି ।

୧୯୮୮-୮୯ରେ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ମୋଟ ୭,୩୧୯ ଜଣ, ମଧ୍ୟଇଂରାଜୀ ବିଦ୍ୟାଳୟଗୁଡ଼ିକରେ ୪,୦୩୮ ଜଣ, ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ୪,୩୪୫ ଜଣ ଓ ମହାବିଦ୍ୟାଳୟଗୁଡ଼ିକରେ ୧,୧୯୦ ଜଣ ଶିକ୍ଷକ ନିଯୁକ୍ତ ଥିଲେ ।

ଶିକ୍ଷକମାନଙ୍କର ଆର୍ଥିକ ଅବସ୍ଥା ଅନୁଧ୍ୟାନକଲେ ଜଣାଯାଏ ଯେ ପ୍ରାଥମିକ ଶିକ୍ଷକମାନଙ୍କର ମାସିକ ବେତନ ୯୪୦ ଟଙ୍କାରୁ ୧,୪୬୩ ଟଙ୍କା ପର୍ଯ୍ୟନ୍ତ ଥିଲା । ଏହି ଟଙ୍କା ଗୋଟିଏ ପରିବାର ଚଳାଇବା ନିମିତ୍ତ ଯଥେଷ୍ଟ ନୁହେଁ । ତେଣୁ ସେମାନଙ୍କ ମଧ୍ୟରୁ ଅନେକ ଅନ୍ୟାନ୍ୟ ଉପାୟରେ ଅର୍ଥ ଉପାର୍ଜନ କରୁଥିଲେ । ଉଚ୍ଚଇଂରାଜୀ ବିଦ୍ୟାଳୟ ଶିକ୍ଷକମାନଙ୍କର ମାସିକ ବେତନ ୧,୧୭୦ ଟଙ୍କାରୁ ୨,୨୬୫ ଟଙ୍କା ପର୍ଯ୍ୟନ୍ତ ଥିଲା । ଏହା ଛଡ଼ା କେତେକ ପରୀକ୍ଷା ଖାତା ମୂଲ୍ୟାୟନକରି, ଘରୋଇ ଟିୟୁସନ ଇତ୍ୟାଦି କରି ଅଧିକ ଅର୍ଥ ପାଉଥିଲେ । ଉଚ୍ଚତର ଶିକ୍ଷାନୁଷ୍ଠାନରେ ଶିକ୍ଷା ପ୍ରଦାନ କରୁଥିବା ଶିକ୍ଷକମାନଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ଥିଲା ।

**ଓକିଲାତି**

୧୯୮୯ରେ ଏହି ଜିଲ୍ଲାରେ ୫୩୫ ଜଣ ବ୍ୟକ୍ତି ଓକିଲାତି କରୁଥିଲେ । ସାଧାରଣତଃ ସେମାନେ ସହରାଞ୍ଚଳରେ କୋର୍ଟଥିବା ସ୍ଥାନରେ ବାସ କରୁଥିଲେ । ସେମାନେ ଦେଓ୍ୱାନୀ, ଫୌଜଦାରୀ ଓ ରାଜସ୍ୱ ସମ୍ପର୍କୀୟ ମୋକଦ୍ଦମା ଗୁଡ଼ିକରେ ମହକିଲମାନଙ୍କୁ ଆଇନ ସେବା ପ୍ରଦାନ କରୁଥିଲେ । ମୋକଦ୍ଦମା ଗୁଡ଼ିକର ଗୁରୁତ୍ୱ ଅନୁସାରେ ଓକିଲମାନେ ସେମାନଙ୍କର ପାଉଣା ପାଉଥିଲେ । ଓକିଲମାନଙ୍କ ମଧ୍ୟରେ ଏହି ପାଉଣାର ତାରତମ୍ୟ ମଧ୍ୟ ଥିଲା ।

ଏହି ଜିଲ୍ଲାରେ ତିନୋଟି ଓକିଲ ସଂଘ ଅଛି । ସେଗୁଡ଼ିକ ହେଲା ବାଲେଶ୍ୱର, ଭଦ୍ରକ ଏବଂ ନୀଳଗିରି । ବାଲେଶ୍ୱର ଓକିଲ ସଂଘଟି ସବୁଠାରୁ ପୁରୁଣା । କାରଣ ଏହା ପ୍ରାୟ ଶହେ ବର୍ଷରୁ ଅଧିକକାଳ ଚାଲିଛି । ୧୯୦୧ରେ ଭଦ୍ରକରେ କୋର୍ଟ ଆରମ୍ଭ ହୋଇଥିବା ବେଳେ ନୀଳଗିରି କୋର୍ଟ ନିକଟ ଅତୀତରେ ସ୍ଥାପିତ ହୋଇଅଛି । ଓକିଲ ସଂଘ ଗଠନ ହେବାର ମୂଳ ଲକ୍ଷ୍ୟ ସଭ୍ୟମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟିକରିବା ଏବଂ ପାଠାଗାର ଇତ୍ୟାଦିର ସୁବିଧା ସୁଯୋଗ ଯୋଗାଇଦେବା । ସଂଘର ସଭାପତି, ସଂପାଦକ ଏବଂ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ସଭ୍ୟମାନଙ୍କଦ୍ୱାରା ବର୍ଷକ ପାଇଁ ନିର୍ବାଚିତ ହୋଇଥାନ୍ତି ।

**ଡାକ୍ତରୀ**

୧୯୮୫-୮୬ରେ ମୋଟ ୧,୫୫୪ ଜଣ କର୍ମଚାରୀ ସ୍ୱାସ୍ଥ୍ୟ ସେବାରେ ନିଯୁକ୍ତ ଥିଲେ । ସେମାନଙ୍କର ସଂଖ୍ୟା ନିମ୍ନରେ ପ୍ରଦତ୍ତ ହୋଇଅଛି --

| | | |
|---|---|---|
| ଏଲୋପାଥିକ ଡାକ୍ତର | .. | ୧୮୦ |
| ଆୟୁର୍ବେଦିକ ଡାକ୍ତର | .. | ୧୮୭ |
| ହୋମିଓପ୍ୟାଥିକ ଡାକ୍ତର | .. | ୩୧୮ |
| ରେଡିଓଗ୍ରାଫର | .. | ନାହାନ୍ତି |
| ଲାବରେଟୋରି ଟେକ୍‌ନିସିଆନ | .. | ୩୫ |
| ଫାର୍ମାସିଷ୍ଟ | .. | ୯୫ |
| ସେବିକା/ନର୍ସ | .. | ୬୧ |
| ମହିଳା ସ୍ୱାସ୍ଥ୍ୟ ପରିଦର୍ଶକ | .. | ୭୦ |
| ସାହାଯ୍ୟକାରୀ ସେବିକା ଏବଂ ଧାଈ | .. | ୩୬୧ |
| ସ୍ୱାସ୍ଥ୍ୟରକ୍ଷା ପରିଦର୍ଶକ/ସାନିଟାରୀ ଇନ୍‌ସପେକ୍ଟର | .. | ୬୯ |
| ପାରାମେଡିକାଲ କର୍ମୀ | .. | ୯୪ |
| ଟୀକା ଦେବା କର୍ମୀ | .. | ୮୧ |
| ମୋଟ | .. | ୧,୫୫୪ |

Digitized by: Odishaarchives.gov.in for Gopabandhu Academy of Administration, Odisha

ଏମାନଙ୍କ ଛଡା ଅନେକ ବୈଷୟିକ ଏବଂ ଅଣବୈଷୟିକ ବ୍ୟକ୍ତି ମଧ୍ୟ ଘରୋଇ ଚିକିତ୍ସା କରୁଛନ୍ତି ।

୧୯୮୭ରେ ଏହି ଜିଲ୍ଲାରେ ୨୯ ଗୋଟି ଆୟୁର୍ବେଦିକ ଡାକ୍ତରଖାନା, ୩୮ ଗୋଟି ହୋମିଓପ୍ୟାଥିକ ଡ଼ାକ୍ତରଖାନା କାର୍ଯ୍ୟ କରୁଥିଲା । ହୋମିଓପ୍ୟାଥିକ ଔଷଧର ମୂଲ୍ୟ କମ୍ ଥିବା ହେତୁ ଏହା ଲୋକମାନଙ୍କଦ୍ୱାରା ବିଶେଷ ଆଦୃତ ହୋଇଛି । ଏହି ଜିଲ୍ଲାରେ ଅନେକ ଘରୋଇ ହୋମିଓପ୍ୟାଥିକ ଅଭ୍ୟାସକାରୀ ସ୍ୱାସ୍ଥ୍ୟ ସେବାରେ ନିଯୁକ୍ତ । ସେମାନେ ଭଲ ରୋଜଗାର କରୁଛନ୍ତି ।

**ଘରୋଇ ବ୍ୟକ୍ତିଗତ ସେବା**

ଘରୋଇ ଚାକର, ଭଣ୍ଡାରି, ଧୋବା, ଦରଜି ଇତ୍ୟାଦି ଏହି ଶ୍ରେଣୀର ଅନ୍ତର୍ଭୁକ୍ତ । ସମାଜରେ ଅର୍ଥନୈତିକ ପଦ୍ଧତିର ପରିବର୍ତ୍ତନହେତୁ କାଳକ୍ରମେ ଏହି ବୃତ୍ତି ଗୁଡିକର ପରିବର୍ତ୍ତନ ଦେଖା ଦେଉଛି ।

**ଘରୋଇ ଚାକର**

ରୋଷେୟା, ବୋଲକାରୀ ଏବଂ ଚାକରାଣୀ ଏହି ଶ୍ରେଣୀର ଅନ୍ତର୍ଭୁକ୍ତ । ୧୯୬୧ରେ ସେମାନଙ୍କର ସଂଖ୍ୟା ୬୯୩ ଥିଲା । ସେମାନଙ୍କ ମଧ୍ୟରୁ ୧୪୪ ଜଣ ସହରାଞ୍ଚଳରେ ବାସ କରୁଥିଲେ । ବାଲେଶ୍ୱର ଓ ଭଦ୍ରକ ସହରାଞ୍ଚଳରେ ଶିଳ୍ପର ବିକାଶ ହେତୁ ସେମାନଙ୍କର ସଂଖ୍ୟା ଯଥେଷ୍ଟ ପରିମାଣରେ ବଢିଯାଇଥିଲା । ସେମାନଙ୍କର ମଜୁରି ହାର ଅନ୍ୟମାନଙ୍କ ତୁଳନାରେ ସେତେ ଆକର୍ଷଣୀୟ ନୁହେଁ । କିନ୍ତୁ ସେମାନଙ୍କୁ ମାଗଣାରେ ଖାଦ୍ୟ ପୋଷାକ ଇତ୍ୟାଦି ଯୋଗାଇ ଦିଆଯାଇଥାଏ । ଯେଉଁମାନଙ୍କୁ ଖାଦ୍ୟ ପୋଷାକ ଓ ଆଶ୍ରୟ ଦିଆଯାଏ ନାହିଁ ସେମାନେ ଅଧିକ ବେତନ ପାଇଥାନ୍ତି । ଅନେକ ମଧ୍ୟବିତ୍ତ ପରିବାର ଶ୍ରେଣୀର ଲୋକେ ଆଂଶିକ ସମୟ ପାଇଁ ଘରୋଇ ଚାକର ରଖି ଥାଆନ୍ତି ।

**ବାଳକଟା**

ବାଳକାଟିବା ଭଣ୍ଡାରି ଜାତିର ଲୋକମାନଙ୍କର କୌଳିକ ବୃତ୍ତି । ସେମାନେ ଗ୍ରାମରେ ବାସ କରନ୍ତି ଓ ମୁଠି କିମ୍ବା ବାକ୍ସ ଧରି ଦ୍ୱାର ଦ୍ୱାର ବୁଲି ବାଳକାଟନ୍ତି । ଗ୍ରାମମାନଙ୍କରେ ଯଜମାନି ପଦ୍ଧତି ଅନୁସାରେ ଜିନିଷ ଆକାରରେ ସେମାନଙ୍କର ପାରିଶ୍ରମିକ ନେବା ଅଭ୍ୟାସ ଏ ପର୍ଯ୍ୟନ୍ତ ରହିଛି । ଯାହାହେଉ ଏବେ ଗ୍ରାମମାନଙ୍କରେ ଲୋକମାନେ ରେଜର ସାହାଯ୍ୟରେ ନିଜେ ନିଜେ କ୍ଷୌର ହେବାଦ୍ୱାରା ସେମାନଙ୍କ ସଂଖ୍ୟା କମିବାକୁ ଲାଗିଲାଣି । ଏହା ଫଳରେ ଭଣ୍ଡାରିମାନଙ୍କର ପାରଂପରିକ ବୃତ୍ତି ଅନ୍ୟ ଆଡକୁ ଗତି କଲାଣି । ୧୯୮୬ରେ ଏହି ଜିଲ୍ଲାର ସହରାଞ୍ଚଳରେ ୧୨୬ ଗୋଟି ସେଲୁନ କାର୍ଯ୍ୟ କରୁଥିଲା । ପ୍ରତ୍ୟେକ ସେଲୁନ ମାଲିକ ସାଧାରଣତଃ ଜଣେ କିମ୍ବା ଦୁଇଜଣ ଲୋକ ନିଯୁକ୍ତ କରିଥାଆନ୍ତି । ଛୋଟ ଛୋଟ ସହରମାନଙ୍କରେ ଜଣେ ଜଣେ ସେଲୁନ ମାଲିକ ଦୈନିକ ୨୦ ଟଙ୍କାରୁ ୩୦ ଟଙ୍କା ପାଇଥାଆନ୍ତି । କିନ୍ତୁ ବାଲେଶ୍ୱର ଓ ଭଦ୍ରକ ଭଳି ସହରମାନଙ୍କରେ ଦୈନିକ ହାରାହାରି ୫୦ ଟଙ୍କାରୁ ୧୦୦ ଟଙ୍କା ପର୍ଯ୍ୟନ୍ତ ରୋଜଗାର ହୋଇଥାଏ ।

**ଲଣ୍ଡ୍ରି**

ଏହି ବ୍ୟବସାୟ ଅଧିକାଂଶ ଧୋବା ଜାତିର ଲୋକ କରିଥାଆନ୍ତି । ବାଲେଶ୍ୱର ଓ ଭଦ୍ରକ ସହରରେ ବହୁ ସଂଖ୍ୟାରେ ଲଣ୍ଡ୍ରି ଦେଖାଯାଏ । କିନ୍ତୁ ଅନ୍ୟ ସହର ଗୁଡିକରେ ଏହାର ସଂଖ୍ୟା ଖୁବ୍ କମ । ଏହି ବୃତ୍ତି ପରିବାର କୈନ୍ଦ୍ରିକ । ବଡ ଧରଣର ଲଣ୍ଡ୍ରିମାନଙ୍କରେ କେତେକ ଲୋକ ମାସିକ ବେତନରେ ନିଯୁକ୍ତି ପାଇଥାଆନ୍ତି । ଅଧିକାଂଶ ଲଣ୍ଡ୍ରି କାଠକ୍ୟାବିନରେ ଭଡା ସୂତ୍ରରେ ଚାଲିଥାଏ । ୧୯୮୫-୮୬ରେ ଏହି ଜିଲ୍ଲାର ସହରାଞ୍ଚଳରେ ୯୧ ଗୋଟି ଲଣ୍ଡ୍ରି କାର୍ଯ୍ୟ କରୁଥିଲା ।

ସାଧାରଣତଃ ଗରିବ ଶ୍ରେଣୀର ଲୋକେ ଲଣ୍ଡ୍ରିକୁ ସେମାନଙ୍କର ଲୁଗା ଦେଇ ନ ଥାନ୍ତି । ମଧ୍ୟବିତ୍ତ ଶ୍ରେଣୀର କେତେକ ଲୋକେ ନିଜ ଲୁଗା ସଫା କରି ଇସ୍ତ୍ରି କରିବା ପାଇଁ ଲଣ୍ଡ୍ରିରେ ଦେଇଥାନ୍ତି । ଲଣ୍ଡ୍ରି ମାଲିକ ପ୍ରତି ଖଣ୍ଡ ଲୁଗା ହିସାବକରି ପଇସା ରଖିଥାଏ । ସୂତା ପୋଷାକ ପାଇଁ ୧ ଟଙ୍କାରୁ ୧.୫୦ ପଇସା ପର୍ଯ୍ୟନ୍ତ ଖର୍ଚ୍ଚ ଦେବାକୁ ପଡିଥାଏ । ଦାମିକା ପୋଷାକ ଓ ପଶମ ପୋଷାକ ଡ୍ରାଇ-କ୍ଲିନିଂ କରିବା ପାଇଁ ଅଧିକ ଖର୍ଚ୍ଚ ଦେବାକୁ ପଡିଥାଏ । ବ୍ୟବସାୟର କମ ବେଶି ଅନୁସାରେ ଆୟ ମଧ କମ ବେଶି ହୋଇଥାଏ ।

Digitized by: Odishaarchives.gov.in for Gopabandhu Academy of Administration, Odisha

### ଦରଜି

ଦରଜି କାର୍ଯ୍ୟ ପୁରୁଷ ସ୍ତ୍ରୀ ଜାତି ଧର୍ମ ନିର୍ବିଶେଷରେ ସମସ୍ତେ କରିଥାଆନ୍ତି । ଏହି ଜିଲ୍ଲାର ସହର ଗୁଡିକରେ ଯଥେଷ୍ଟ ସଂଖ୍ୟକ ଲୋକ ଦରଜି ଦୋକାନ ଖୋଲିଛନ୍ତି । ୧୯୮୫-୮୬ରେ ଏହି ଜିଲ୍ଲାର ବିଭିନ୍ନ ସ୍ଥାନରେ ୪୦୫ଟି ଦରଜି ଦୋକାନ ଥିଲା । ଦରଜି ଦୋକାନଗୁଡିକର ଆୟ ଏହାର କାର୍ଯ୍ୟକଳାପ ଉପରେ ନିର୍ଭର କରିଥାଏ । ବିବାହ ଏବଂ ଉତ୍ସବ ସମୟରେ ଏହି ଦୋକାନ ଗୁଡିକରେ ଭଲ ବ୍ୟବସାୟ ହୋଇଥାଏ ।

### ସାଇକେଲ ମରାମତି

ଚଳିତ ଯୁଗରେ ବହୁ ସଂଖ୍ୟକ ଲୋକ ଦୈନନ୍ଦିନ ଜୀବନରେ ସାଇକେଲ ବ୍ୟବହାର କରୁଛନ୍ତି । ସାଇକେଲକୁ ଚଳନ୍ତି ଅବସ୍ଥାରେ ରଖିବା ପାଇଁ ଏହାର ମରାମତି ଦରକାର । ତେଣୁ ଏହି ଜିଲ୍ଲାରେ ଅନେକ ସାଇକେଲ ମରାମତି ଦୋକାନ ଦେଖିବାକୁ ମିଳେ । ମଫସଲ ଅପେକ୍ଷା ସହରମାନଙ୍କରେ ଏହା ସଂଖ୍ୟା ବେଶି । ଗୋଟିଏ ସାଇକେଲ ମରାମତି ଦୋକାନ ଚଳାଇବା ପାଇଁ ଏହାର ମାଲିକ ଜଣେ/ଦୁଇଜଣ ପିଲା ରଖିଥାଆନ୍ତି । ମରାମତି ସହିତ ନୂଆ ଯନ୍ତ୍ରାଂଶ ବିକ୍ରିକରି ମାଲିକମାନେ ସେଥିରୁ ମଧ କିଛି ଲାଭ ପାଇଥାଆନ୍ତି । ଭଦ୍ରକ ଓ ବାଲେଶ୍ୱରରେଥିବା କେତେକ ବଡବଡ ମରାମତି ଦୋକାନୀ ଭଲ ରୋଜଗାର କରିଥାଆନ୍ତି । କେତେକ ସାଇକେଲ ମରାମତି ଦୋକାନୀ ଗ୍ୟାସ୍ ଲାଇଟ୍ ଭଡ଼ା ଲଗାଇଥାନ୍ତି । ୧୯୮୫-୮୬ରେ ଏହି ଜିଲ୍ଲାର ସହରାଞ୍ଚଳରେ ୩୬୭ଟି ସାଇକେଲ ମରାମତି ଦୋକାନ ଥିଲା ।

### ପାନ ଦୋକାନ

ମାଲିକାନା ସ୍ୱତ୍ତ୍ୱରେ ଏହି ଜିଲ୍ଲାରେ ଅନେକଗୁଡିଏ ପାନ ଦୋକାନ ଚାଲିଅଛି । ସେହି ଦୋକାନଗୁଡିକମଧ୍ୟରୁ ଅଧିକାଂଶ ପାନ ସହିତ ଧୂପକାଠି, ସିଗାରେଟ୍, ବିଡି, ମହମବତୀ, ପାଣି ବୋତଲ, ମିଠା ଓ ଅନ୍ୟାନ୍ୟ ଜିନିଷ ମଧ ବିକ୍ରି କରିଥାଆନ୍ତି । ସେମାନଙ୍କ ମଧ୍ୟରୁ ଅନେକ ଭଡା ଘରେ ଓ ଅନେକ କାଠ କ୍ୟାବିନ୍‌ରେ ଦୋକାନ ଚଳାଇଥାଆନ୍ତି । ବାଲେଶ୍ୱର, ଭଦ୍ରକ, ସୋର, ନୀଳଗିରି, ଚାନ୍ଦବାଲି, ବାସୁଦେବପୁର ଓ ଜଳେଶ୍ୱର ସହରାଞ୍ଚଳରେ ବହୁତ ପାନ ଦୋକାନ ଦେଖାଯାଏ । ୧୯୮୫-୮୬ରେ ସହରାଞ୍ଚଳରେ ଥିବା ପାନ ଦୋକାନ ସଂଖ୍ୟା ୧,୧୬୧ ଥିଲା ।

### ଚା ଦୋକାନ

ଜିଲ୍ଲାର ପ୍ରତ୍ୟେକ ସ୍ଥାନରେ ଚା ଦୋକାନ ଗଢିଉଠିଲାଣି । ସେଗୁଡିକର ସଂଖ୍ୟା କହିବା ଅତି କଷ୍ଟକର ବ୍ୟାପାର । ସଦ୍ୟ କ୍ଷୀର ଅଭାବରେ ଚା ଦୋକାନୀମାନେ ଗୁଣ୍ଡ କ୍ଷୀରରେ ଚା ତିଆରି କରୁଛନ୍ତି । ଚିନି ଓ କ୍ଷୀରର ଚଢା ମୂଲ୍ୟ ହେତୁ ଚା ଓ କଫିର ଦାମ ବଢିଯାଇଛି । ୧୯୮୬ରେ ଚା କପ୍‌ର ମୂଲ୍ୟ ୫୦ ପଇସା ଏବଂ କଫି କପ୍‌ର ମୂଲ୍ୟ ୭୫ ପଇସାରୁ ୧ ଟଙ୍କା ପର୍ଯ୍ୟନ୍ତ ଥିଲା । କେତେକ ଚା ଦୋକାନ କିଛି କିଛି ଜଳଖିଆ ମଧ ବିକ୍ରି କରିଥାଆନ୍ତି । ଚା ଦୋକାନୀମାନଙ୍କର ମାସିକ ରୋଜଗାର ଦୋକାନର ଆକାର ଏବଂ ଏହାର ଅବସ୍ଥିତି ଅନୁଯାୟୀ ହୋଇଥାଏ । ସାଧାରଣତଃ ସହରାଞ୍ଚଳରେଥିବା ଚା ଦୋକାନୀମାନଙ୍କର ବେଶି ରୋଜଗାର ହୋଇଥାଏ । ଗରାଖମାନଙ୍କୁ ଚା ଯୋଗାଇବା ଏବଂ କପ୍ ପ୍ଲେଟ ଧୋଇବା ପାଇଁ କେତେକ ଚା ଦୋକାନୀ ଜଣେ ଦୁଇଜଣ ପିଲା ରଖିଥାଆନ୍ତି । ସେମାନଙ୍କୁ ଦୋକାନୀ ମାଗଣାରେ ଖାଦ୍ୟ ଓ ରହିବା ପାଇଁ ଘର ଯୋଗାଇ ଥାଆନ୍ତି । ୧୯୮୫-୮୬ରେ ଏହି ଜିଲ୍ଲାର ସହରାଞ୍ଚଳରେ ୪୮୨ଟି ଚା ଦୋକାନ ଥିଲା ।

### କଂସା ଓ ପିତଳ କାରିଗର

ରେମୁଣା ଓ କୁମଡାରେ ଅଟାରୀ ଜାତିର ଅନେକ ପରିବାର ବାସ କରନ୍ତି । ସେମାନଙ୍କର କଂସା ଓ ପିତଳର ବାସନ କୁସନ ତିଆରିକରିବା କୌଳିକ ବ୍ୟବସାୟ । ତେଣୁ ସେମାନେ କଂସା ଓ ପିତଳର ବିଭିନ୍ନ ପ୍ରକାର ବାସନ କୁସନ ତିଆରିକରି ବାହାରକୁ ପଠାଇ ଏବଂ ନିକଟ ଅଞ୍ଚଳରେ ବିକ୍ରିକରି ଭଲ ରୋଜଗାର କରନ୍ତି ।

### ମୋଚି

ବାଲେଶ୍ୱର ଓ ଭଦ୍ରକ ସହରାଞ୍ଚଳରେ ମୋଚିମାନେ ଦେଖାଯାଆନ୍ତି । ସାଧାରଣତଃ ସେମାନେ ପୁରୁଣା ଛିଣ୍ଡା ଜୋତା ଓ ଚପଲ ମରାମତି କରିଥାଆନ୍ତି । ସେମାନେ ମଧ ଜୋତା ପଲିସ୍ କରିଥାଆନ୍ତି । ବାଲେଶ୍ୱର ଓ ଭଦ୍ରକରେ ବାସ କରୁଥିବା କେତେକ ମୋଚି ଶସ୍ତା ଚପଲ ଓ ଜୋତା ତିଆରି କରନ୍ତି । କୁଶଳୀ ମୋଚିମାନେ ଅଧିକ ରୋଜଗାର କରୁଥିବାବେଳେ ଅଣ-କୁଶଳୀ ମୋଚିମାନେ ଅଳ୍ପ ରୋଜଗାର କରିଥାଆନ୍ତି ।

Digitized by: Odishaarchives.gov.in for Gopabandhu Academy of Administration, Odisha

## ମାଛଧରା

ମାଛଧରା ଏହି ଜିଲ୍ଲାର ଏକ ଜାତିର ଲୋକଙ୍କର ପ୍ରଧାନ ବ୍ୟବସାୟ । ଧାମରାଠାରେ ଗୋଟିଏ ମାଛଧରା ଛୋଟ ବନ୍ଦର ନିର୍ମାଣ କରାଯାଇଛି । ବାସୁଦେବପୁରର ଚୁଡାମଣି ଏବଂ ଚାନ୍ଦିପୁର ନିକଟସ୍ଥ ବଳରାମଗଡ଼ିଠାରେ ଗଭୀର ସମୁଦ୍ରରେ ମାଛ ଧରାଯାଇଥାଏ । ପାରମ୍ପରିକ ରୀତିରେ ମାଛ ଧରୁଥିବା ଗୋଖା, କେଉଟ ଓ ଦେଓ୍ୱାର ଜାତି ଏହି ଶ୍ରେଣୀର ଅନ୍ତର୍ଭୁକ୍ତ । ଏମାନଙ୍କ ବ୍ୟତୀତ ଅନ୍ୟ ଜାତିର ଲୋକମାନେ ମାଛ ଧରିବା ଦେଖାଯାଇଥାଏ । ଆଜିକାଲି ବିଭିନ୍ନ ପ୍ରକାର ଉନ୍ନତ ଧରଣର ଯନ୍ତ୍ରପାତି ବ୍ୟବହାର କରି ମାଛ ଧରାଯାଉଥିବାହେତୁ ଏହା ଅତି ଲାଭଜନକ ବ୍ୟବସାୟ ହୋଇଗଲାଣି । ଏହି ଜିଲ୍ଲାରୁ ମାଛ ଧରାଯାଇ ପଡ଼ୋଶୀ ଜିଲ୍ଲା ଏବଂ ପଶ୍ଚିମବଙ୍ଗର କଲିକତାକୁ ମଧ ରପ୍ତାନି କରାଯାଉଛି ।

## ପଥର କାରିଗର

ନୀଳଗିରି ଥାନା ଅଞ୍ଚଳରେ ବହୁପରିମାଣର ମାଙ୍କଡା ପଥର ଦେଖାଯାଏ । ଏହା କମ୍ ଖର୍ଚ୍ଚରେ ଏବଂ ସୁବିଧାରେ ମିଳୁଥିବାରୁ ସ୍ଥାନୀୟ ଲୋକମାନେ ଇଟା ଅପେକ୍ଷା ଏହି ପଥରକୁ ଘର ତିଆରି କାର୍ଯ୍ୟରେ ବ୍ୟବହାର କରିବାକୁ ବେଶି ପସନ୍ଦ କରନ୍ତି । ପଥର କଟାଳିମାନେ ପଥର ଖଣିରୁ ପଥର କାଟିବା ପାଇଁ ଖଣ୍ଡ ପ୍ରତି ମୂଲ୍ୟ ପାଇଥାଆନ୍ତି । ଜଣେ ପଥର କଟାଳି ଦୈନିକ ହାରାହାରି ୧୫ ଟଙ୍କାରୁ ୨୦ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରେ । ଖଣିରୁ ପଥର ଆଣିବାପରେ ତାକୁ ଡ୍ରେସିଂ କରିବା ପାଇଁ ଶହପ୍ରତି ୫୦ ଟଙ୍କାରୁ ୬୦ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥାଏ ।

ରାସ୍ତା ଓ ଗୃହ ନିର୍ମାଣ କରିବା ପାଇଁ ଏହି ଜିଲ୍ଲାରେ ଉନ୍ନତମାନର ପଥର ମିଳିଥାଏ । ଦୈନିକ ଶତାଧିକ ଲୋକ ପଥର କାଟିବା ପାଇଁ ନିୟୋଜିତ ହୋଇଥାଆନ୍ତି । ସେମାନେ ଦୈନିକ ମଜୁରି ପାଆନ୍ତି କିମ୍ବା ଚୁକ୍ତି ଅନୁସାରେ ମୂଲ୍ୟ ପାଇଥାଆନ୍ତି । ୧୯୮୫-୮୬ରେ ଏହି ଶ୍ରେଣୀର ଜଣେ ବ୍ୟକ୍ତି ଦୈନିକ ୧୦ ଟଙ୍କାରୁ ୧୫ ଟଙ୍କା ରୋଜଗାର କରୁଥିଲା । ନୀଳଗିରି ଥାନା ଅନ୍ତର୍ଗତ ବଉଳଗାଡିଆ ଅଞ୍ଚଳରେ ପଥର ଖୋଦେଇ କରୁଥିବା କେତେକ ପରିବାର ବାସ କରନ୍ତି । ଘରର ସମସ୍ତ ସାବାଳକ ଲୋକ ଏହି ପଥର ଖୋଦେଇ କାର୍ଯ୍ୟରେ ନିୟୋଜିତ ହୋଇଥାଆନ୍ତି । ସେମାନେ ଚକି, ଶିଳ, ପଥୁରି ଇତ୍ୟାଦି ପଥରର ଗୃହୋପକରଣ ତିଆରି କରିଥାଆନ୍ତି ଏବଂ ସ୍ଥାନୀୟ ବଜାର ଏବଂ ବିଭିନ୍ନ ସ୍ଥାନରେ ହେଉଥିବା ମେଳା ମହୋତ୍ସବରେ ବିକ୍ରୟ କରିଥାଆନ୍ତି ।

## ରେଡିଓ ମରାମତି

୧୯୮୫-୮୬ରେ ଏହି ଜିଲ୍ଲାରେ ୧୮୬ଟି ରେଡିଓ ମରାମତି ଦୋକାନ ଥିଲା । ଏହି ଦୋକାନୀ ଜଣେ କିମ୍ବା ଦୁଇଜଣଙ୍କୁ ନିଯୁକ୍ତି ଯୋଗାଇବା ସହିତ ଭଲ ରୋଜଗାର ମଧ କରିଥାଆନ୍ତି ।

## ସାଇକେଲ-ରିକ୍ସା ଚାଳକ

ସମାଜର ବହୁ ଦୁର୍ବଳ ଶ୍ରେଣୀ ଲୋକଙ୍କୁ ସାଇକେଲ-ରିକ୍ସା ଜୀବନ ଧାରଣ ପନ୍ଥା ଯୋଗାଇ ଥାଏ । ସହର ଗୁଡିକରେ ରିକ୍ସା ଅତି ସହଜ ଓ ଶସ୍ତାରେ ଲୋକମାନଙ୍କୁ ଗମନାଗମନର ସୁଯୋଗ ଯୋଗାଇଥାଏ । ୧୯୮୫-୮୬ରେ ଭଦ୍ରକ, ଜଳେଶ୍ୱର, ବାସୁଦେବପୁର ଓ ସୋର ସହରମାନଙ୍କରେ ୬୫୨ ଜଣ ରିକ୍ସା ଟାଣି ଜୀବିକା ନିର୍ବାହ କରୁଥିଲେ ।

## ଶଗଡିଆ

ମଫସଲ ଅଞ୍ଚଳରେ ଶଗଡଗାଡ଼ିରେ ଜିନିଷ ପତ୍ର ପରିବହନକରିବା ଅତି ଲୋକପ୍ରିୟ । ସହରମାନଙ୍କରେ ମଧ କେତେକ ଲୋକ ଶଗଡ଼ଗାଡ଼ି ଚଳାଇବାରେ ନିଜକୁ ନିୟୋଜିତ କରି ଜୀବିକା ନିର୍ବାହ କରିଥାଆନ୍ତି । ୧୯୮୫-୮୬ରେ ଜଳେଶ୍ୱର, ବାସୁଦେବପୁର, ଭଦ୍ରକ ଏବଂ ସୋରରେ ଯଥାକ୍ରମେ ୧୦୫, ୧୧, ୨୦ ଏବଂ ୮ ଜଣ ଶଗଡିଆ ଥିଲେ ।

## କୁମ୍ଭାର

ମାଟିରେ ହାଣ୍ଡି, ଆଟିକା ଗଢିବା କୁମ୍ଭାର ଜାତିର ପାରମ୍ପରିକ ବୃତ୍ତି ଅଟେ । ଏବେ ପ୍ଲାଷ୍ଟିକ, ଆଲୁମିନିୟମ ଓ ଅନ୍ୟାନ୍ୟ ଧାତୁର ବହୁଳ ବ୍ୟବହାର ହେତୁ ଏହି ବୃତ୍ତି ବିଶେଷଭାବେ ବାଧାପ୍ରାପ୍ତ । କିନ୍ତୁ ଅତ୍ୟାଧୁନିକ ଯେତେ ପ୍ରକାର ପାତ୍ର ବ୍ୟବହାର ହେଲେ ମଧ ସହରଠାରୁ ଆରମ୍ଭକରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଗୃହକାର୍ଯ୍ୟ ଏବଂ ପୂଜା କାର୍ଯ୍ୟରେ ମାଟିପାତ୍ରର ବ୍ୟବହାର ଅବ୍ୟାହତ ରହିଛି । କୁମ୍ଭାର ଚକ୍ର ସାହାଯ୍ୟରେ ବିଭିନ୍ନ ପ୍ରକାର ପାତ୍ର ତିଆରିକରି ନିକଟବର୍ତ୍ତୀ ଗ୍ରାମ ଏବଂ ସହରମାନଙ୍କରେ ବିକ୍ରୟ କରିଥାଏ ।

Digitized by: Odishaarchives.gov.in for Gopabandhu Academy of Administration, Odisha

କେତେକ କୁମ୍ଭାର ଦେଶୀ ଟାଇଲ ମଧ୍ୟ ତିଆରି କରନ୍ତି । ଏହି ଜିଲ୍ଲାର ତାନ୍ଦବାଲି ଅଞ୍ଚଳର କୁମ୍ଭାରମାନେ ଚିଲମ ତିଆରି କରିବାରେ ଧୁରନ୍ଧର । ଏହି ଚିଲମ ଗୁଡିକ ଗଞ୍ଜେଇ ଟାଣିବା ପାଇଁ ବ୍ୟବହାର କରାଯାଏ । ଏ ପର୍ଯ୍ୟନ୍ତ ଅଧିକାଂଶ ଲୋକ ଖାଦ୍ୟ ରାନ୍ଧିବା, ପାଣି ରଖିବା ଓ ଖାଦ୍ୟ ଶସ୍ୟ ସାଇତିବା ପାଇଁ ମାଟିପାତ୍ର ବ୍ୟବହାର କରୁଛନ୍ତି । ସାଧାରଣତଃ କୁମ୍ଭାରମାନେ ନିଜ ନିଜ ଘରେ ନିଜ ନିଜର ପରିବାର ସଭ୍ୟଙ୍କ ସାହାଯ୍ୟରେ ଏହି କାର୍ଯ୍ୟ କରିଥାଆନ୍ତି । ମାଟି ହେଉଛି ଏହି କାର୍ଯ୍ୟର ପ୍ରଧାନ କଞ୍ଚା ମାଲ । ନିକଟବର୍ତ୍ତୀ ସ୍ଥାନରୁ କମ ଖର୍ଚ୍ଚରେ ମାଟି ପରିବହନ ହୋଇ ଆସୁଥିବା ହେତୁ ମାଟି ପାତ୍ର ଗୁଡିକର ଦାମ କମ୍ ହେଉଥାଏ । ଗୋଟିଏ କୁମ୍ଭାର ପରିବାରର ଆୟ ହିସାବ କରିବା କଷ୍ଟକର ବ୍ୟାପାର । ଆନୁମାନିକ ହିସାବରେ ଜଣାଯାଏ ଯେ ଜଣେ କୁମ୍ଭାରର ଦୈନିକ ଆୟ ୧୦ ଟଙ୍କାରୁ ୧୫ ଟଙ୍କା ହୋଇପାରେ ।

## ମଟରଗାଡି ମରାମତିକାରୀ

ମଟରଗାଡି ଦିନକୁ ଦିନ ଅତି ମାତ୍ରାରେ ବଢିବା ହେତୁ ସ୍ୱତନ୍ତ୍ର ଭାବେ ସହରମାନଙ୍କରେ ମଟରଗାଡି ମରାମତି ଦୋକାନ ଗଢି ଉଠିଛି । ବହୁ ସଂଖ୍ୟକ ଲୋକ ଏହି କାର୍ଯ୍ୟରେ ନିଯୁକ୍ତ ରହି ଜୀବିକା ନିର୍ବାହ କରୁଅଛନ୍ତି । ବଡ଼ ବଡ଼ ମରାମତି କର୍ମଶାଳାରେ ୫ ଜଣରୁ ୮ ଜଣ ପର୍ଯ୍ୟନ୍ତ ଲୋକ କାର୍ଯ୍ୟ କରୁଥିବା ବେଳେ ଛୋଟ ଛୋଟ କର୍ମଶାଳାରେ ୨ ରୁ ୩ ଜଣ ଲେଖାଏଁ କାର୍ଯ୍ୟ କରିଥାଆନ୍ତି । ୧୯୮୫-୮୬ରେ ଏହି ଜିଲ୍ଲାର ସହରାଞ୍ଚଳରେ ୧୦୦ଟି ମରାମତି କର୍ମଶାଳା ଥିଲା ।

## ଦୋକାନ ଓ ବାଣିଜ୍ୟିକ ଅନୁଷ୍ଠାନରେ ନିଯୁକ୍ତି

ଏହି ଜିଲ୍ଲାର ବାଲେଶ୍ୱର, ସୋର ଏବଂ ଜଳେଶ୍ୱର ସହରରେ ଓଡିଶା ଦୋକାନ ଓ ବାଣିଜ୍ୟିକ ଅନୁଷ୍ଠାନ ସମୂହର ଆଇନ୍, ୧୯୫୬ ବଳବତ୍ତର ରହିଅଛି । ଶ୍ରମ ଅଧିକାରୀ ଦୋକାନ ଓ ବାଣିଜ୍ୟିକ ଅନୁଷ୍ଠାନଗୁଡିକୁ ପରିଦର୍ଶନ କରନ୍ତି ଏବଂ ସେହି ସଂସ୍ଥା ଗୁଡିକରେ କାର୍ଯ୍ୟ କରୁଥିବା ଶ୍ରମିକମାନେ ଠିକ୍‌ଭାବେ ପାରିଶ୍ରମିକ ପାଇବା, ସାପ୍ତାହିକ ଛୁଟି, ନିର୍ଦ୍ଧାରିତ କାର୍ଯ୍ୟ ନିର୍ଘଣ୍ଟ ଇତ୍ୟାଦି ଅନୁସନ୍ଧାନ କରିଥାଆନ୍ତି । ସେ ମଧ୍ୟ ଶ୍ରମିକମାନଙ୍କର ନିରାପତ୍ତା, ସ୍ୱାସ୍ଥ୍ୟ ଓ ମଙ୍ଗଳ ବିଷୟରେ ଅନୁଧ୍ୟାନ କରନ୍ତି । ୧୯୮୫ ଡିସେମ୍ବର ସୁଦ୍ଧା ଏହି ଜିଲ୍ଲାର ୩ଟି ମୁଖ୍ୟ ସହର ବାଲେଶ୍ୱର, ସୋର ଏବଂ ଜଳେଶ୍ୱରରେ ୭୫୨ଟି ଦୋକାନ ଓ ବାଣିଜ୍ୟିକ ଅନୁଷ୍ଠାନ ରହିଥିଲା । ସେଥିରେ ମୋଟ ୨,୧୮୦ ଜଣ ନିଯୁକ୍ତ ହୋଇଥିଲେ ।

---

Digitized by: Odishaarchives.gov.in for Gopabandhu Academy of Administration, Odisha